# NATIONAL NEWS BULLETIN (ODIA)
## 01st September - 2025
## Evening Bulletin : 7.15 p.m.

************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ମହୀଶୂର ଅଖିଳ ଭାରତ ବାକ୍ ଓ ଶ୍ରବଣ ପ୍ରତିଷ୍ଠାନର ହୀରକ ଜୟନ୍ତୀ ସମାରୋହରେ ଯୋଗଦେଲେ ରାଷ୍ଟ୍ରପତି ।
- ନୂଆଦିଲ୍ଲୀରେ ଆସନ୍ତାକାଲି ସେମିକନ୍ ଇଣ୍ଡିଆ-୨୦୨୫ର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

— ତିନିଦିନିଆ ସମ୍ମିଳନୀରେ ସ୍ଥିର, ସ୍ଥାୟୀ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ବିକାଶ ଉପରେ ହେବ ଆଲୋଚନା ।

- ଆଫଗାନିସ୍ତାନ ଭୂକମ୍ପରେ ୮ ଶହରୁ ଊର୍ଦ୍ଧ୍ୱ ମୃତ; ଭାରତ ଯୋଗାଇଲା ମାନବୀୟ ସହାୟତା ।
- ପାକିସ୍ତାନ ସେନାବାହିନୀ ହେଲିକପ୍ଟର ଦୁର୍ଘଟଣାରେ ୫ ବିମାନ କର୍ମଚାରୀ ମୃତ ।

ଏବଂ

- ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଓ କାଜାଖସ୍ତାନ ମଧ୍ୟରେ ଆଉ କିଛି ସମୟ ପରେ ହେବ ମୁକାବିଲା ।

## ପ୍ରେଜ୍ - ଏ.ଆଇ.ଆଇ.ଏସ୍.ଏଚ୍.

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କର୍ଣ୍ଣାଟକର ମହୀଶୂରଠାରେ ଆଜି ଅଖିଳ ଭାରତୀୟ ବାକ୍ ଓ ଶ୍ରବଣ ପ୍ରତିଷ୍ଠାନ - ଏ.ଆଇ.ଆଇ.ଏସ୍.ଏଚ୍.ର ହୀରକ ଜୟନ୍ତୀ ସମାରୋହରେ ଯୋଗଦେଇ ଭାବ ଆଦାନ ପ୍ରଦାନ କ୍ଷେତ୍ରରେ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପ୍ରତିଷ୍ଠାନର କାର୍ଯ୍ୟକ୍ଷେତ୍ରର ପ୍ରଶଂସା କରି ସେ କହିଛନ୍ତି, ଏହି ପ୍ରତିଷ୍ଠାନ ଅନ୍ୟାନ୍ୟ ଗବେଷଣା ପ୍ରତିଷ୍ଠାନ ଏବଂ ଷ୍ଟାର୍ଟଅପ୍ ସହ ମିଶି କାର୍ଯ୍ୟ କରିବା ଉଚିତ । ବାକ୍ ଏବଂ ଶ୍ରବଣ ଅକ୍ଷମତା ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଏହାର ଗବେଷଣା ନେଇ ପୂର୍ବତନ ଛାତ୍ରମାନଙ୍କୁ ମଧ୍ୟ ସାମିଲ କରିବା ଉଚିତ । ଏହି ପ୍ରତିଷ୍ଠାନ ଶ୍ରବଣ କ୍ଷମତା ହ୍ରାସ ଏବଂ ବାକ୍ ପୀଡ଼ିତଙ୍କ ପାଇଁ ଜାତୀୟ ନୀତି ପ୍ରଣୟନରେ ସକ୍ରିୟ ଭୂମିକା ଗ୍ରହଣ କରିପାରିବ । ରାଷ୍ଟ୍ରପତି ସୁଗମ ଭାରତ ଅଭିଯାନ ବିଷୟରେ ସୂଚନା ଦେଇ କହିଥିଲେ, ଶ୍ରବଣ ଏବଂ

ବାକ୍ ସମସ୍ୟା ଥିବା ଲୋକମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଏହି ଅଭିଯାନର ଲକ୍ଷ୍ୟ । ରାଷ୍ଟ୍ରପତି ଏହି ସମସ୍ୟା ଥିବା ଲୋକଙ୍କ ନିମନ୍ତେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆସନ୍ତା ୨୩ ତାରିଖରେ ସାଙ୍କେତିକ ଭାଷା ଦିବସ ପାଳନ କରାଯିବା ସମ୍ପର୍କରେ ମତ ପ୍ରକାଶ କରିଥିଲେ ।

## ପି.ଏମ୍. ସେମିକନ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ନୂଆଦିଲ୍ଲୀର ଯଶୋଭୂମିରେ ସେମିକନ୍ ଇଣ୍ଡିଆ-୨୦୨୫ର ଉଦ୍‌ଘାଟନ କରିବେ । ଏହି ତିନିଦିନିଆ ସମ୍ମିଳନୀରେ ଦେଶରେ ଏକ ଦୃଢ଼, ସ୍ଥିର ଏବଂ ସ୍ଥାୟୀ ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌ର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯିବାର ଆଶା କରାଯାଉଛି । ଏଥିରେ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମର ପ୍ରଗତି, ସ୍ମାର୍ଟ ଉତ୍ପାଦନ, ଗବେଷଣା ଏବଂ ବିକାଶ, କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ନବସୃଜନ, ନିବେଶ ସୁଯୋଗ, ରାଜ୍ୟସ୍ତରୀୟ ନୀତି କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା ହେବ । ସମ୍ମିଳନୀରେ ୪୮ରୁ ଊର୍ଦ୍ଧ୍ୱ ଦେଶର ଅଢ଼େଇ ହଜାରରୁ ଅଧିକ ପ୍ରତିନିଧିଙ୍କ ସମେତ ୨୦ ହଜାରରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଯୋଗଦେବେ । ଏଥିରେ ୬ଟି ଦେଶ ଗୋଲ୍ ଟେବୁଲ୍ ଆଲୋଚନା, ଦେଶ ମଣ୍ଡପ ଏବଂ କାର୍ଯ୍ୟଶକ୍ତି ବିକାଶ, ଷ୍ଟାର୍ଟଅପ୍ ସଂକ୍ରାନ୍ତରେ ଆଲୋଚନା ହେବ । ଏହି

କାର୍ଯ୍ୟକ୍ରମରେ ରୂପରେଖଭିତ୍ତିକ ପ୍ରୋତ୍ସାହନ ଯୋଜନା, ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌ର ଅଭିବୃଦ୍ଧି, ଆନ୍ତର୍ଜାତିକ ସହଯୋଗ ଏବଂ ଭାରତର ସେମିକଣ୍ଡକ୍ଟର କ୍ଷେତ୍ରରେ ଭବିଷ୍ୟତ ରୂପରେଖ ଉପରେ ପ୍ରାଧାନ୍ୟ ଦିଆଯିବ । ସେମିକଣ୍ଡକ୍ଟର କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଉନ୍ନତିକୁ ସର୍ବାଧିକ ସ୍ତରରେ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ସେମିକଣ୍ଡକ୍ଟର ଇକୋ ସିଷ୍ଟମ୍‌କୁ ସୁଦୃଢ଼ ନିମନ୍ତେ ବିଭିନ୍ନ ଦେଶଦ୍ୱାରା ନୀତି ପ୍ରସ୍ତୁତ କରିବା ବିଶ୍ୱରେ ଆୟୋଜିତ ସେମିକନ୍ ସମ୍ମିଳନୀଗୁଡ଼ିକର ଲକ୍ଷ୍ୟ ରହିଛି ।

## ପି.ଏମ୍. ରାଜ୍ୟ ଜୀବିକା ନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିହାର ରାଜ୍ୟର ଜୀବିକା ନିଧି ସାଖ ସହକାରୀ ସଂଘ ଲିମିଟେଡ୍‌ର ଶୁଭାରମ୍ଭ କରିବେ । ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ଉଦ୍ୟମିତା ବିକାଶ ଏବଂ ଗୋଷ୍ଠୀ ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ବିକାଶ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଉଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ସଙ୍ଗଠନର ବ୍ୟାଙ୍କ୍ ଆକାଉଣ୍ଟଗୁଡ଼ିକୁ ୧୦୫ କୋଟି ଟଙ୍କା ପ୍ରଦାନ କରିବେ ।

## ରିଜିଜୁ - ଚର୍‌ତି ଲାଲ ଗୋଏଲ

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ନିର୍ବାଚିତ ନେତାମାନେ ସଂସଦ ଏବଂ ବିଧାନସଭାଗୁଡ଼ିକର ମର୍ଯ୍ୟାଦା ଏବଂ ମାନଦଣ୍ଡକୁ ବଜାୟ ରଖିବା ଉଚିତ । ଶ୍ରୀ ରିଜିଜୁ ନୂଆଦିଲ୍ଲୀରେ ଦିଲ୍ଲୀ ବିଧାନସଭାର ପ୍ରଥମ ବାଚସ୍ପତି ଚରତି ଲାଲ୍ ଗୋଏଲ୍ ୯୮ତମ ଜନ୍ମବାର୍ଷିକୀ ସ୍ମାରକୀ ସମାରୋହରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ନବନିର୍ବାଚିତ ସାଂସଦ ଏବଂ ବିଧାୟକମାନଙ୍କୁ ସେମାନଙ୍କ ପୂର୍ବସୂରୀଙ୍କଦ୍ୱାରା ସ୍ଥିର କରାଯାଇଥିବା ମାନଦଣ୍ଡକୁ ମନେ ରଖିବା ସହିତ ସମାନ କରିବା ଏବଂ ଗଣତନ୍ତ୍ରର ଭାବନାକୁ ବଜାୟ ରଖିବାପାଇଁ ସେ ପରାମର୍ଶ ଦେଇଥିଲେ । ମନ୍ତ୍ରୀ କହିଥିଲେ, ସଂସଦ ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ବିଶେଷକରି ଗଣତନ୍ତ୍ରରେ ଜନସାଧାରଣଙ୍କ ବିଶ୍ୱାସକୁ ଦୃଢ଼ କରିଥାଏ ।

ଶ୍ରୀ ରିଜିଜୁ ଚରତି ଲାଲ୍ ଗୋଏଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ଶ୍ରୀ ଗୋୟଲ ତାଙ୍କ ଦୃଢ଼ ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ନେବାର କ୍ଷମତା ଯୋଗୁଁ ଦିଲ୍ଲୀ ବିଧାନସଭାର ପ୍ରଥମ ବାଚସ୍ପତି ଭାବେ ମନୋନୀତ ହୋଇପାରିଥିଲେ ।

## ପି.ଏମ୍. - ଆଫଗାନିସ୍ତାନ ଆର୍ଥକ୍ୱାକ୍

ଆଫଗାନିସ୍ତାନର କୁନାର ପ୍ରଦେଶର ଜଲାଲାବାଦ ସହର ନିକଟରେ ହୋଇଥିବା ଶକ୍ତିଶାଳୀ ଭୂକମ୍ପରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି' ଆଫଗାନିସ୍ତାନ ଭୂକମ୍ପ ପ୍ରଭାବିତ ଲୋକଙ୍କୁ ସମସ୍ତ ସମ୍ଭାବ୍ୟ ମାନବିକ ସହାୟତା ଏବଂ ରିଲିଫ୍ ଯୋଗାଣପାଇଁ ଭାରତ ପ୍ରସ୍ତୁତ ବୋଲି କହିଛନ୍ତି । ଏହି କଠିନ ସମୟରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ଶ୍ରୀ ମୋଦି ସମବେଦନ ଜଣାଇବା ସହ ଆହତ ଲୋକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଫଗାନିସ୍ତାନର ବୈଦେଶିକ ମନ୍ତ୍ରୀ ମାଉଲାୱି ଅମିର ଖାଁ ମୁତ୍ତାକିଙ୍କ ସହ କଥାବାର୍ତ୍ତା କରି ଭୂକମ୍ପରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଜୟଶଙ୍କର କହିଛନ୍ତି, ଆଜି କାବୁଲ୍‌କୁ ଭାରତ ପକ୍ଷରୁ ୧ ହଜାର ପରିବାରଙ୍କ ପାଇଁ ତମ୍ବୁ ଯୋଗାଇ ଦିଆଯାଇଛି । କାବୁଲ୍‌ରୁ କୁନାରକୁ ଭାରତୀୟ ମିଶନଦ୍ୱାରା ୧୫ ଟନ୍ ମାନବୀୟ ସହାୟତା ଯୋଗାଇ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି । ଆସନ୍ତାକାଲିଠାରୁ ଭାରତ ପକ୍ଷରୁ ଆଫଗାନିସ୍ତାନକୁ ରିଲିଫ୍ ସାମଗ୍ରୀ ପଠାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

ଆଫଗାନିସ୍ତାନ ଭୂକମ୍ପରେ ପ୍ରାୟ ୮ ଶହ ଲୋକ ପ୍ରାଣ ହରାଇଥିବାବେଳେ ୨୫ ଶହରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସରକାରୀ ସୂଚନା

ଦିଆଯାଇଛି । ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୬ ଥିବାର ରେକର୍ଡ କରାଯାଇଛି । ନାଙ୍ଗରହ ପ୍ରଦେଶର ପୂର୍ବ-ଉତ୍ତରାଞ୍ଚଳରେ ଥିବା ଜଲାଲାବାଦ ସହରରୁ ୨୭ କିଲୋମିଟର ଦୂରରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା ବୋଲି ଆମେରିକାର ଭୂତତ୍ତ୍ୱ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି । ଆଫଗାନିସ୍ତାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମୁଖପାତ୍ର ଶରାଫତ୍ ଜମାନ କହିଛନ୍ତି, ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସେଠାକୁ ଆହତମାନଙ୍କ ଚିକିତ୍ସା ଲାଗି ସ୍ୱତନ୍ତ୍ର ଡାକ୍ତରୀ ଦଳ ପଠାଯାଇଛି ।

## ଜେ.କେ. - ଏମ୍.ଇ.ଟି. ଫୋରକାଷ୍ଟ

ଉତ୍ତର ରେଳବାଇ ପକ୍ଷରୁ ଆଜି ଜମ୍ମୁ ଓ କଟ୍‌ରା ମଧ୍ୟରେ ରେଳସେବା ଆରମ୍ଭ ହୋଇଛି । ମାତା ବୈଷ୍ଣୋଦେବୀ ମନ୍ଦିରର ମୂଳଶିବିରରେ ରହିଥିବା ସ୍ଥାନୀୟ ଏବଂ ଅଟକି ଥିବା ତୀର୍ଥଯାତ୍ରୀମାନଙ୍କ ଯାତାୟତ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ଶ୍ରମିକମାନଙ୍କୁ ରେଳ ପୁନଃ ଥଇଥାନ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଜମ୍ମୁ ଓ କଟ୍‌ରା ମଧ୍ୟରେ ରେଳ ୪ଟି ଟ୍ରେନ୍‌ର ଚଳାଚଳପାଇଁ ବ୍ୟବସ୍ଥା କରାଯାଇଛି । ଏହି ସଟଲ୍ ସେବା ଆଜିଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଜମ୍ମୁ ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ଗତ ଏକ ସପ୍ତାହ ଧରି ଜମ୍ମୁ ରେଳ ଡିଭିଜନରେ ରେଳ ଚଳାଚଳକୁ ବାତିଲ୍

କରାଯାଇଥିଲା । ଗତ ୪ ଦିନ ଧରି ରେଳବାଇ ପକ୍ଷରୁ ଜମ୍ମୁରୁ ଅଟକି ରହିଥିବା ଯାତ୍ରୀମାନଙ୍କୁ ନେବାଆଣିବା ଲାଗି ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି । ଇତିମଧ୍ୟରେ ମୋଟ୍ ୫ ହଜାର ୫୮୪ ଜଣ ଅଟକି ଥିବା ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଯାଇ ପାରିଛି ବୋଲି ସୂଚନା ମିଳିଛି ।

ଜମ୍ମୁ-କାଶ୍ମୀରର ସ୍ଥାନୀୟ ପାଣିପାଗ ବିଭାଗ ପକ୍ଷରୁ ଏହି କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜିଲ୍ଲାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ଫଳରେ ବାଦଲଫଟା ବର୍ଷା, ବନ୍ୟା, ଭୂସ୍ଖଳନ ଆଦି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । କାଠୁଆ, ଜମ୍ମୁ, ଉଦ୍ଧମପୁର ଏବଂ ରିଆସି ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ ଡୋଡ଼ା, ଶାମ୍ଭା, ରାଜୌରୀ, ପୁଞ୍ଛ, ରାମ୍‌ବନ୍, କିସ୍ତିଓ୍ୱାର, ଅନନ୍ତନାଗ ଏବଂ କୁଲ୍‌ଗାଓଁ ଆଦି ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ସ୍ଥାନୀୟ ଲୋକଙ୍କୁ ନଦୀ, ନାଳ ପରିବେଷ୍ଟିତ ଅଞ୍ଚଳରୁ ଦୂରରେ ରହିବାପାଇଁ ପରାମର୍ଶ ଦିଆଯାଇଛି ।

## ପାକିସ୍ତାନ - ହେଲିକପ୍ଟର କ୍ରାସ୍

ପାକିସ୍ତାନର ଗିଲ୍‌ଗିଟ୍-ବଲଟିସ୍ତାନର ଡାଇମର ଜିଲ୍ଲା ଅନ୍ତର୍ଗତ ଜିଲାସ୍‌ଠାରେ ପାକିସ୍ତାନ ସେନାବାହିନୀର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

ହେବା ଫଳରେ ୫ ଜଣ ବିମାନ କର୍ମଚାରୀ ପ୍ରାଣ ହରାଇଛନ୍ତି । ହେଲିକପ୍ଟରଟି ହେଲିପ୍ୟାଡ଼୍‌ରେ ପରୀକ୍ଷାମୂଳକ ଅବତରଣ କରୁଥିବାବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା ବୋଲି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **କୁପୋଷଣ ରୋକିବାପାଇଁ ସଠିକ୍ ପୁଷ୍ଟିସାରର ଗୁରୁତ୍ୱ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସ୍ୱାମୀ ଦୟାନନ୍ଦ ହସ୍ପିଟାଲ୍‌ର ଶିଶୁରୋଗ ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ଡାକ୍ତର ସୁରେନ୍ଦର ସିଂହ ବିଷ୍ଟ ଏବଂ ଏମ୍‌ସର ଖାଦ୍ୟ ବିଶେଷଜ୍ଞ ଡାକ୍ତର ରିଚା ଜୟଶ୍ୱାଲ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ୦୧୧-୨୩୭୧୭୧୧୭ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରି ସେମାନଙ୍କ ପ୍ରଶ୍ନ ପଚାରିପାରିବେ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ

ପାରିବ । ଏତଦ୍‌ବ୍ୟତୀତ ଆକାଶବାଣୀ ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air officialରେ ଏହା ଉପଲବ୍ଧ ହେବ।

## ଏସିଆ କପ୍ ହକି

ବିହାରର ରାଜଗିରି ଆନ୍ତର୍ଜାତିକ କ୍ରୀଡ଼ା ଷ୍ଟାଡୟମ୍‌ଠାରେ  ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟ ଆଉ କିଛିସମୟ ପରେ ଭାରତ ଓ କାଜାଖସ୍ତାନ ମଧ୍ୟରେ ମୁକାବିଲା ହେବ । ଗତକାଲି ଅନୁଷ୍ଠିତ ପୁଲ୍‌-ଏ'ର ଏକ ମ୍ୟାଚ୍‌ରେ ଭାରତ ୩-୨ ଗୋଲ୍‌ରେ ଜାପାନକୁ ପରାସ୍ତ କରି ସୁପର୍‌ଫୋର୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଭାରତ ପକ୍ଷରୁ ହର୍‌ମନ୍‌ପ୍ରୀତ୍ ସିଂହ ୨ଟି ଏବଂ ମନ୍‌ଦୀପ୍ ସିଂହ ଗୋଟିଏ ଗୋଲ୍ ସ୍କୋର କରିଥିବାବେଳେ ଜାପାନ ପକ୍ଷରୁ କୋସେଇ କାୱାବେ ୨ଟିଯାକ ଗୋଲ୍ ଦେଇଥିଲେ ।

ଅନ୍ୟ ଏକ ମ୍ୟାଚ୍‌ରେ ଚୀନ୍' କାଜାଖସ୍ଥାନ ବିପକ୍ଷରେ ୧୩-୧ ଗୋଲ୍‌ରେ ବିଜୟୀ ହୋଇଥିଲା । ଏହି ଚାମ୍ପିୟନ୍‌ସିପ୍‌ର ବିଜେତା ୨୦୨୬ ପୁରୁଷ ହକି ବିଶ୍ୱକପ୍‌ରେ ନିଜର ସ୍ଥାନ ସୁନିଶ୍ଚିତ କରିବ । ପାକିସ୍ତାନ ସୁରକ୍ଷା କାରଣରୁ ଏବଂ ଓମାନ୍ ଆର୍ଥିକ ଅସୁବିଧା ଯୋଗୁଁ ଏହି ପ୍ରତିଯୋଗିତାରେ ଭାଗ

ନେଇ ନାହାନ୍ତି । ଏହି ଦୁଇଦେଶ ବଦଳରେ ବାଂଲାଦେଶ ଏବଂ କାଜାଖସ୍ତାନ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଛନ୍ତି ।

*****